# ପରିବେଶ ବିଗାଡୁଛି ଧାନ କ୍ଷେତର ଧୂଆଁ

ଅସ୍ତରଙ୍ଗ,୩୧।୧୨(ସମିସ):



ପରିବେଶ ପ୍ରଦୂଷଣ ଦିଗରେ ଏବେ ଧାନ କ୍ଷେତର ଧୂଆଁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏଭଳି ମନୁଷ୍ୟକୃତ ପ୍ରଦୂଷଣ ରୋକିବାକୁ ନା ଲୋକଙ୍କୁ ସଚେତନ କରାଯାଉଛି ନା ପ୍ରଦୂଷଣ ବିଭାଗ କୌଣସି ପଦକ୍ଷେପ ନେଉଛି। ସହରାଞ୍ଚଳରେ ଗାଡ଼ିମୋଟରଠାରୁ ଆରମ୍ଭ କରି କଳ କାରଖାନାର ଧୂଆଁ ପ୍ରଦୂଷଣ ବଢ଼ାଉଥିବାବେଳେ ଏବେ ଗ୍ରାମାଞ୍ଚଳର ଧୂଆଁ ବି ପ୍ରଦୂଷଣ ବଢ଼ାଉଥିବା ଦେଖିବାକୁ ମିଳିଲାଣି। ବର୍ତ୍ତମାନ ଧାନ ଚାଷର ଅମଳ ସମୟ। ଏବେ ପାରମ୍ପରିକ ପଦ୍ଧତିରେ ଶ୍ରମିକମାନଙ୍କ ଦ୍ୱାରା ଅମଳ ଅପେକ୍ଷା ବିଭିନ୍ନ ମେସିନରେ ଅମଳ କାର୍ଯ୍ୟ କରାଯାଉଛି। ଯାହାଦ୍ୱାରା ଅମଳ ପରେ କେବଳ ଧାନକୁ ଲୋକେ ଘରକୁ ଆଣୁଥିବାବେଳେ କ୍ଷେତରେ ନଡ଼ାକୁ ଛାଡ଼ି ଆସୁଛନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ନିଆଁ ଲଗାଇ ପୋଡ଼ି ଦେଉଛନ୍ତି। ଏହି ନଡ଼ା ପୋଡ଼ି ଦ୍ୱାରା ସୃଷ୍ଟି ହେଉଥିବା ଧୂଆଁ ଦ୍ୱାରା ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ପାରମ୍ପରିକ ଧାନ ଚାଷରେ ଚାଷୀମାନେ ଧାନ ଗଛକୁ ହାତରେ କାଟି ସେଥିରୁ ନଡ଼ା ବାହାର କରୁଥିଲେ। ସେହି ନଡ଼ାରେ ଚାଳଘର ସବୁ ଛପର କରାଉଥିଲେ। ଅବଶିଷ୍ଟ ଗାଈ ବଳଦଙ୍କ ଖାଦ୍ୟରୂପେ ବ୍ୟବହାର ହେଉଥିଲା। କିନ୍ତୁ କିଛି ବର୍ଷ ହେବ ଗ୍ରାମାଞ୍ଚଳରେ ଚାଳଘର ସଂଖ୍ୟା ଦ୍ରୁତ ଭାବେ ହ୍ରାସ ପାଉଥିବାବେଳେ ଗାଇଗୋରୁ ସଂଖ୍ୟା ମଧ୍ୟ ଦ୍ରୁତ ଭାବେ କମିଗଲାଣି। ଯାହା ଫଳରେ ଚାଷୀମାନେ ପୂର୍ବ ଭଳି ପାରମ୍ପରିକ ଭାବରେ ଧାନ ଅମଳ ନ କରି ଆଧୁନିକ ଧାନ ଅମଳ ମେସିନ ମାଧ୍ୟମରେ ଧାନ କ୍ଷେତରୁ ଧାନ ଅମଳକରି ନେଉଛନ୍ତି। ଅସ୍ତରଙ୍ଗ ଏବଂ କାକଟପୁର ଅଞ୍ଚଳର ବିଭିନ୍ନ ଚାଷ କ୍ଷେତରେ ସନ୍ଧ୍ୟା ହେଲେ ନିଆଁ ଲଗାଇ ଚାଷୀମାନେ ନଡ଼ା ଜାଳୁଥିବାରୁ ଏଥିରୁ ପ୍ରଚୁର ମାତ୍ରାରେ ଧୂଆଁ ବାହାରି ପ୍ରଦୂଷଣ ବଢ଼ାଉଥିବା ଜଣାପଡ଼ିଛି। ଏଥିଯୋଗୁଁ ଅଞ୍ଚଳରେ ଶ୍ୱାସରୋଗ ବଢ଼ିବା ସହ ପରିବେଶ ଧୂଆଁଳିଆ ରହୁଛି। ଯଦି ଚାଷୀଙ୍କୁ ଏ ଦିଗରେ ସଚେତନ କରାଯାଇ କ୍ଷେତରେ ରହୁଥିବା ନଡ଼ାକୁ କମ୍ପୋଷ୍ଟ ପ୍ରସ୍ତୁତି ଦିଗରେ ତାଲିମ୍ ଦିଆଗଲେ ପ୍ରଦୂଷଣ ରୋକିହେବା ସହ ଜମିକୁ ସାର ମିଳିପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ ପ୍ରଦୂଷଣ ବିଭାଗର ଅଧିକାରୀମାନେ ଅସ୍ତରଙ୍ଗ ଏବଂ କାକଟପୁର ଗ୍ରସ୍ତ କରି ନଡ଼ା ପୋଡ଼ିକୁ ବନ୍ଦ କରିବା ସହିତ ବିଭିନ୍ନ ଗ୍ରାମରେ ଜନ ସଚେତନତା କରିବା ପାଇଁ ପରିବେଶବିତ ଶୋଭାକର ବେହେରା ଦାବି କରିଛନ୍ତି।




## ଉତ୍କଳ ସମ୍ମିଳନୀ ପୁରୀ ଜିଲ୍ଲା ଶାଖାର ଓଡ଼ିଆ ନାମଫଳକ ଅଭିଯାନ

ସାକ୍ଷୀଗୋପାଳ,୩୧।୧୨(ସମିସ): ଉତ୍କଳସମ୍ମିଳନୀପୁରୀଜିଲ୍ଲାଶାଖାରଓଡ଼ିଆନାମଫଳକଅଭିଯାନ ସତ୍ୟବାଦୀରୁ ଆରମ୍ଭ ହୋଇଛି। ପୁରୀ ଜିଲ୍ଲା ଶାଖା ସଭାପତି ଭୀମସେନ ମହାପାତ୍ରଙ୍କ ନେତୃତ୍ୱରେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ ଠାରୁ ସାକ୍ଷୀଗୋପାଳ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ସାକ୍ଷୀଗୋପାଳ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଦୋକାନରେ ନାମଫଳକ, ସରକାରୀ ନଥିପତ୍ର, ସୂଚନା ଫଳକ, ନିମନ୍ତ୍ରଣ ପତ୍ର, ଦରଖାସ୍ତ ଆଦିର ଲେଖା ଓଡ଼ିଆରେ ଲେଖିବାକୁ ସଚେତନ କରାଯାଇଥିଲା। ଆରମ୍ଭରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର ଓ ବିଶାଖା ଦେବୀଙ୍କ ଗୀତ ଗାୟନ ପୂର୍ବକ ଓଡ଼ିଆ ଲେଖାକୁ ଗୁରୁତ୍ୱ ଦେବାକୁ ସଚେତନ କରାଯାଇଥିଲା। ସଚ୍ଚିକାନ୍ତ ବିଶ୍ୱାଳ, ବନମାଳୀ ବେହେରା, ଜୟନ୍ତ କୁମାର ତ୍ରିପାଠୀ, ସୁଲୋଚନା ଦେବୀ, ଡ ହେମନ୍ତ କୁମାର ଛୋଟରାୟ, ରଞ୍ଜନ କୁମାର ମିଶ୍ର, ଅନାମ ମଲିକ, ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ବିଶାଖା ଦେବୀ, ବିଜୟ କୁମାର ପରିଡ଼ା, ପ୍ରଭାକର ଜେନା, ବିଭୂତିଭୂଷଣ ହୋତା, ହୃଷୀକେଶ ପାଢ଼ୀ, ଅଭୟ କୁମାର ସାହୁ, ଫକୀର ଚନ୍ଦ୍ର ଦାସ, କୃପାନିଧି ପ୍ରଧାନ, ଯଯାତି କେଶରୀ ରାୟ ,ବିଷ୍ଣୁ ମୋହନ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ଦକ୍ଷିଣ ରାୟ, ଜିତେନ୍ଦ୍ର କୁମାର ପେଣ୍ଡୋଇ, ପପୁନା ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିୟମିତ ଏଭଳି ଅଭିଯାନ କରାଯିବ ବୋଲି ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି।

## ମଙ୍ଗଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ; ନୀତି ବିଳମ୍ବ

କାକଟପୁର,୩୧।୧୨(ସମିସ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ବୁଧବାର ବୃନ୍ଦାବନରୁ ଆସିଥିବା ଏକ ୬ ଜଣିଆ ଭକ୍ତ ମଣ୍ଡଳୀ ମନ୍ଦିର ଭିତରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। କେତେକ ସେବାୟତ ସେମାନଙ୍କ ମଧ୍ୟରୁ ଜଣଙ୍କ ଉପରେ ସନ୍ଦେହ ପ୍ରକଟ କରିବାରୁ ତାଙ୍କୁ ପଚରାଉଚରା କରାଯିବା ପରେ ଭକ୍ତ ଜଣଙ୍କ ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ଖବର ପାଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଯୁବକ ଜଣଙ୍କୁ ଆଣି ମନ୍ଦିର କାର୍ଯ୍ୟାଳୟରେ ଜେରା କରିଥିଲେ। ଜେରାବେଳେ ଉକ୍ତ ଯୁବକଙ୍କୁ ଆଣିଥିବା ନିଜକୁ ସାଧୁ ବୋଲି କହୁଥିବା ଅନ୍ୟ ଜଣେ ଯୁବକ ରାହୁଲ ସେମାନେ ହିନ୍ଦୁଧର୍ମ ପ୍ରଚାରକ କହିବା ସହିତ କୋଟି ଓଡ଼ିଆଙ୍କ ମଉଡ଼ମଣି ଜଗନ୍ନାଥ ମନ୍ଦିର ମଧ୍ୟରେ ପଶି ପୂଜାର୍ଚ୍ଚନା କରିଥିବା ପ୍ରକାଶ କରିଥିଲେ। ଉକ୍ତ ଘଟଣା ପରେ ଅଟକ ରହିଥିବା ବ୍ୟକ୍ତି ଜଣଙ୍କ ଠାରୁ ୧୨ ହଜାର ଟଙ୍କା ଜୋରିମାନା ସହିତ କାକଟପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ଜେରାବେଳେ ତାଙ୍କର ୨ଟି ଆଧାର କାର୍ଡ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଅଣହିନ୍ଦୁ ପ୍ରବେଶକୁ ନେଇ ମା' ମଙ୍ଗଳାଙ୍କ ମାଘସ୍ନାନ ଓ ଅନ୍ନଧୂପ ନୀତି ୨ ଘଣ୍ଟା ବିଳମ୍ବ ହୋଇଥିଲା। ସଂପୃକ୍ତ ଯୁବକଙ୍କୁ କାକଟପୁର ପୁଲିସ ପଚରାଉଚରା କରିବା ପରେ ଛାଡ଼ିଦେଇଥିବା ଜଣାପଡ଼ିଛି।



## ସତ୍ୟବାଦୀର ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୩୧।୧୨(ସମିସ): କେନ୍ଦୁଝର ପୌରପାଳିକା ପ୍ରେକ୍ଷାଳୟରେ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ୪୮ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସତ୍ୟବାଦୀର ଲୋକକଳା ପ୍ରତିଭା ତଥା ପାଲା ଗାୟକ, ବାୟକ ଓ ଅନ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଦୁଇ ଦିନିଆ ସମ୍ମିଳନୀରେ ରାଜ୍ୟର କୋଣ ଅନୁକୋଣରୁ ପାଲା କଳାକାର ଯୋଗ ଦେଇଥିଲେ।



ପ୍ରତିଭାସମ୍ପନ୍ନ ପାଲା କଳାକାରଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟର ଜଣେ ପ୍ରତିଭାବାନ ପାଲା ମୃଦଙ୍ଗ ବାଦକ ଭାବେ ପରିଚିତ ସତ୍ୟବାଦୀ ପାଲାଗାୟକ ମଣ୍ଡଳର ସମ୍ପାଦକ ରମେଶ ଚନ୍ଦ୍ର ପଲେଇଙ୍କୁ ମୃଦଙ୍ଗ ବାଦନ ତଥା ସାଂଗଠନିକ ଦକ୍ଷତା ପାଇଁ ସଂଗଠନ ପ୍ରତିଭା ସମ୍ମାନ ଓ ସତ୍ୟବାଦୀ ମଣ୍ଡଳର ସଦସ୍ୟ ବରିଷ୍ଠ ଗାୟକ ସଦାଶିବ ବରାଳ (ପୂର୍ଣ୍ଣ ସାର), ବିଜୟ ଚନ୍ଦ୍ର ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଣ୍ଡଳର ଅନ୍ୟ ଦୁଇ ଜଣ ସଦସ୍ୟ ବରିଷ୍ଠ ଗାୟକ ବନମାଳୀ ମିଶ୍ର ଓ ବରିଷ୍ଠ ମୃଦଙ୍ଗ ବାଦକ ମୁକୁନ୍ଦ ମହାରଣା ଅନୁପସ୍ଥିତ ଥିବାରୁ ସମ୍ପାଦକ ଶ୍ରୀ ପଲେଇ ସେମାନଙ୍କର ମାନପତ୍ର ଗ୍ରହଣ କରିଥିଲେ। ସତ୍ୟବାଦୀ ମଣ୍ଡଳକୁ ମାଗଣାରେ ଜମି ଦାନ କରିଥିବା ପୋଡ଼ଙ୍ଗସାହି ନୂଆସାହି ଗ୍ରାମର ଯୁବ ସମାଜସେବୀ ସୂର୍ଯ୍ୟନାରାୟଣ ରାଉତ(ମାନସ)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗାୟକ ପ୍ରତାପ ପ୍ରଧାନ ଓ ପାଲା ସଂଗଠକ ସୁଧୀର କୁମାର ସ୍ୱାଇଁ, ସୁଭଦ୍ରା ନାୟକ, ବୈକୁଣ୍ଠ ପ୍ରଧାନ, ନେତ୍ରାନନ୍ଦ ପଣ୍ଡା, ଶଚିକାନ୍ତ ବିଶ୍ୱାଳ, ବାୟକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଠୁକା ପଲେଇ, ସମ୍ମିଳନୀରେ ଯୋଗଦେଇଥିଲେ।



























## ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ମାନ୍ୟତା କେବେ

ନିମାପଡ଼ା,୩୧।୧୨ (ସମିସ):

ପୁରୀ ଜିଲ୍ଲାର ସର୍ବପୁରାତନ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏହି ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ୧୯୮୧ରେ ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ ହରିହର କରଣ ଉଦ୍‌ଘାଟନ କରିଥିଲେ। ଏହି ଡାକ୍ତରଖାନାଟି ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ପାଇଲେ ଚାରିଛକ, ଗୋପ, ନିମାପଡ଼ା, ନିଆଳୀ, ଜଗତସିଂହପୁର, କାକଟପୁର, ନୟାହାଟ ଆଦି ଅଞ୍ଚଳର ହଜାର ହଜାର ସଂଖ୍ୟାର ରୋଗୀ ସୁବିଧାରେ ଚିକିତ୍ସା ପାଇପାରିବେ। ଏଠାରେ ଶବ ବ୍ୟବଚ୍ଛେଦ କେନ୍ଦ୍ର, ଅଲଟ୍ରାସାଉଣ୍ଡ, ଡିଜିଟାଲ ଏକ୍ସରେ, ଫିଜିଓଥେରାପି କେନ୍ଦ୍ର, ରକ୍ତ, ମଳ, ମୂତ୍ର, କଫ ଆଦି ପରୀକ୍ଷା ନିମନ୍ତେ ଉନ୍ନତମାନର ଲାବୋରେଟୋରୀ ରହିଥିଲେ ମଧ୍ୟ କର୍ମଚାରୀଙ୍କ ଅଭାବରୁ ଜନସାଧାରଣ ଉପକୃତ ହୋଇପାରୁନାହାନ୍ତି। ବିଶେଷ କରି ଡାକ୍ତରମାନଙ୍କ ପାଇଁ କ୍ୱାର୍ଟର୍ସ ସୁବିଧା ନଥିବାରୁ ଡାକ୍ତରମାନେ ପୁରୀ ଏବଂ ଭୁବନେଶ୍ୱର ଆଦି ସ୍ଥାନରୁ ଦୌନିନ୍ଦିନ ଯା'ଆସ କରି ରୋଗୀସେବା କରୁଛନ୍ତି। ଲଗାତାର ପ୍ରତିବର୍ଷ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପୁରୀ ଜିଲ୍ଲାରେ କାୟାକଳ୍ପରେ ପ୍ରଥମସ୍ଥାନ ପାଇ ପୁରସ୍କୃତ ହୋଇଥିବା ବେଳେ ସ୍ୱାସ୍ଥ୍ୟ ସେବା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସ କର୍ମଚାରୀଙ୍କ ଅଭାବ ଯୋଗୁଁ ଜନସାଧାରଣ ବିଭିନ୍ନ ଘରୋଇ ଡାକ୍ତରଖାନା ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ଥିବା ନିରାମୟ ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁନ୍ଦର ଔଷଧୀୟ ବଗିଚା ସହିତ ପରିସର ସଫାସୁତରା ଥିବା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକ ସୁନ୍ଦର ଫାଟକ ନିର୍ମାଣ ସହିତ ଯାନ ବାହାନ ଆଦି ରହିବା ପାଇଁ ଷ୍ଟାଣ୍ଡ, ରୋଗୀମାନଙ୍କ ପାଇଁ ସୁଲଭ ଶୌଚାଳୟର ବ୍ୟବସ୍ଥା ରହିଛି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବ ରହିଛି। ଉକ୍ତ ଡାକ୍ତରଖାନା ପୁରୀ ଜିଲ୍ଲାର ସର୍ବ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ସୁଦ୍ଧା ଏହା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହି ଡାକ୍ତରଖାନାଟି ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ମିଳିଲେ ଜନସାଧାରଣଙ୍କୁ ଉନ୍ନତମାନର ରୋଗୀସେବା ମିଳିପାରିବ। ଏଠାରେ ୪ଟି ବିଶେଷଜ୍ଞ ସମେତ ୨୧ଟି ଡାକ୍ତର ପଦବୀ ରହିଥିଲେ ହେଁ କୌଣସି ବିଶେଷଜ୍ଞ ପଦବୀରେ ଦୀର୍ଘ ଦିନଧରି କେହି ନାହାନ୍ତି। ଫାର୍ମାସିଷ୍ଟ ୩ଜଣରୁ ଜଣେ ଓ ନର୍ସିଂ ଅଫିସର ୧୭ଜଣରୁ ୧୦ଜଣ କାର୍ଯ୍ୟରତ ଥିବା ଜଣାପଡ଼ିଛି। କେବଳ ଜଣେ ସ୍ତ୍ରୀରୋଗ ଡାକ୍ତରଙ୍କ ସମେତ ଦୁଇ ଚାରିଜଣ ଏମ୍‌ବିବିଏସ୍ ଓ ଆୟୁଷ ଡାକ୍ତରଙ୍କ ଦ୍ୱାରା ଚାଲିଛି ରୋଗୀସେବା। ବିଶେଷକରି ଏଠାରେ ଶିଶୁରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଓ ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ନଥିବାରୁ ରୋଗୀସେବାରେ ବ୍ୟାଘାତ ଘଟୁଛି। ଆବଶ୍ୟକ ଜମି ନଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଅତ୍ୟାଧୁନିକ ଗୃହ ନିର୍ମାଣରେ ବାଧକ ସାଜୁଛି। ଏଠାରେ ଥିବା ପୁରାତନ କୋଠାଟି ବହୁ ପୁରୁଣା ହୋଇଥିବା ବେଳେ ଏଠାରେ ଏକ ନୂତନ କୋଠା ନିର୍ମାଣ ସହିତ ରୋଗୀଙ୍କ ସମ୍ପର୍କୀୟମାନେ ରହିବାକୁ ଏକ ଟ୍ରମା କେନ୍ଦ୍ର ନିର୍ମାଣ, ଆହାର କେନ୍ଦ୍ର ସହିତ ଶଯ୍ୟାସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟସଚିବ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟିଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।













## ନୟାଗଡ଼ ଜିଲ୍ଲାପାଳଙ୍କ ଭିନ୍ନ ପ୍ରୟାସ

# ପୁନଃ ସ୍ୱାଧୀନ ହେଲା ନେପାଳ ଗାଁ

ନୟାଗଡ଼/ଓଡ଼ଗାଁ,୩୧।୧୨(ସମିସ)

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ପୁନଃ ସ୍ୱାଧୀନତାର ସ୍ୱାଦ ଚାଖିଛି ଉପାନ୍ତ ଗାଁ ନେପାଳ। ନୟାଗଡ଼ ଜିଲ୍ଲାର ସବୁଠାରୁ ଉପାନ୍ତ ଓ ଅପହଞ୍ଚ ଗାଁରେ ୨୦୨୫ ମସିହାର ଶେଷ ଦିନରେ ବିକାଶ ପହଞ୍ଚିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଣ୍ଡପୁର ପଞ୍ଚାୟତ ବିଚ୍ଛିନ୍ନାଞ୍ଚଳ ଅନୁସୂଚିତ ଜନଜାତି ନେପାଳ ଗାଁକୁ ଫିଟିଛି ରାସ୍ତା। ପ୍ରତି ପରିବାରକୁ ସୌରଶକ୍ତି ମାଧ୍ୟମରେ ଆଲୋକ ଓ ପାନୀୟଜଳ ବ୍ୟବସ୍ଥାକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ଗାଁ ଦାଣ୍ଡରେ ଷ୍ଟ୍ରିଟ୍ ଲାଇଟ୍ ଜଳିବା ଦେଖି ଗ୍ରାମବାସୀ ଖୁସିରେ ନାଚିଛନ୍ତି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ପ୍ରଚେଷ୍ଟା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଟିଏ ଉପାନ୍ତ ଗାଁରେ ଏକକାଳୀନ ସମସ୍ତ ସୁବିଧା ପହଞ୍ଚାଯାଇଛି।

ବୁଧବାର ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଗ୍ରାମବାସୀଙ୍କ ପାଇଁ ସମର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୁରୀ ଲୋକସଭା ସାଂସଦ ସମ୍ବିତ୍ ପାତ୍ର, ପ୍ରାକ୍ତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ବାଣ୍ଡପୁର ସରପଞ୍ଚ ସୁନିତା ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ, ସହକାରୀ କୃଷି ଉଦ୍ୟାନ ଅଧିକାରୀ ଅଜିତ୍ କୁମାର ନାୟକ, ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣା, ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲ୍‌ଦାର ଜି. ଶ୍ରୀନୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପଞ୍ଚାୟତ ଜନପ୍ରତିନିଧି ସାମିଲ୍ ହୋଇଥିଲେ।



### ଲୋକେ ଦେଖିଲେ ବିଜୁଳି ଆଲୋକ
### ମିଳିଲା ପିଇବା ପାଣି, ଫିଟିଲା ରାସ୍ତା

ଗ୍ରାମବାସୀଙ୍କ ଉପସ୍ଥିତିରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଓ ଆଲୋକୀକରଣ କାର୍ଯ୍ୟର ଉଦ୍‌ଘାଟନ ହୋଇଥିଲା। ପରେ ଏକ ବୈଠକରେ ଗ୍ରାମବାସୀଙ୍କ ସହିତ ପ୍ରଶାସନିକ ପଦାଧିକାରୀ ଓ ରାଜନେତାଙ୍କ ମଧ୍ୟରେ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପରିବାରକୁ ଗୋଟିଏ ମିଠା ପ୍ୟାକେଟ୍ ସହିତ ୨ କମ୍ବଳ ବଣ୍ଟନ କରାଯାଇଥିଲା ବେଳେ ଆବାସ ଯୋଜନାର ହିତାଧିକାରୀଙ୍କୁ ଆବାସ ଯୋଗାଇଦେବା ନିମନ୍ତେ ଆବେଦନକାରୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କମ୍ୟୁନିଟି ଫରେଷ୍ଟ ଆକ୍ଟ ୨୦୦୬/୮ ଅନୁସାରେ ୫ ଜଣଙ୍କୁ କମ୍ୟୁନିଟି ଫରେଷ୍ଟ ରାଇଟ୍ସ ପଟ୍ଟା ବଣ୍ଟନ କରାଯାଇଥିଲା। ବୁଧବାର ବର୍ଷର ଶେଷ ସନ୍ଧ୍ୟାରେ ସାରା ବର୍ଷଯାକର ଆନନ୍ଦ ଉପଲବ୍ଧି ମିଳିଲା ଏବଂ କାର୍ଯ୍ୟର ସାର୍ଥକତା ମିଳିଗଲା ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ ଜିଲ୍ଲାପାଳ। ଏହା ସହିତ ଗ୍ରାମରେ ଅସ୍ଥାୟୀ ବିଦ୍ୟାଳୟ ଖୋଲାଯାଇଥିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଗ୍ରାମକୁ ପକ୍କା ସଡ଼କ ନ ହେଲେ ମଧ୍ୟ ଯାତାୟାତ ସୁବିଧା କରାଯାଇଛି। ନୟାଗଡ଼ ସଦର ମହକୁମାଠାରୁ ପ୍ରାୟ ୫୦ କି.ମି. ଦୂର ଅଗାଡ଼ ଜଙ୍ଗଲ ମଧ୍ୟରେ ରହିଥିବା ଗ୍ରାମବାସୀ ଆଜି ସ୍ୱାଧୀନତାର ସ୍ୱାଦ ଚାଖିଥିବା କହିଛନ୍ତି। ନୟାଗଡ଼ ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟକୁ ଜିଲ୍ଲାବାସୀ ପ୍ରଶଂସା କରିଛନ୍ତି।

● ସୋରିଷ, ସୂର୍ଯ୍ୟମୁଖି ବିହନ ବଣ୍ଟନରେ ଅନିୟମିତତା

## ଚାଷୀ ପାଇଲେନି; ଅଣଚାଷୀ ମାଲେମାଲ୍

ରଣପୁର,୩୧।୧୨(ସମିସ): ରାଜ୍ୟ ସରକାର କୃଷି ଉପରେ ଗୁରୁତ୍ୱ ଦେଉଥିବାବେଳେ ରଣପୁର ବ୍ଲକ୍ କୃଷି ବିଭାଗ ଅଧୀନରେ ଥିବା କୃଷକମାନଙ୍କୁ ବିରି, ସୋରିଷ, ସୂର୍ଯ୍ୟମୁଖି ବିହନ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କିଛି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ରଣପୁର କୃଷି ବିଭାଗ ଅଧୀନରେ ଥିବା ନିର୍ଦ୍ଦିଷ୍ଟ ଦୁଇଟି ପଞ୍ଚାୟତର ଚାଷୀଙ୍କୁ ଦିଆଯାଇଥିବା ୩ କ୍ୱିଣ୍ଟାଲ ସୋରିଷ ଓ ସୂର୍ଯ୍ୟମୁଖି ହେର୍‌ଫେର୍ ହେଇଥିବା ଚାଷୀ ଓ ଜନସାଧାରଣ ଅଭିଯୋଗ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ଘଟଣାର ତଦନ୍ତ କରିବା ପାଇଁ ଦାବିପତ୍ର ଦେବେ ବୋଲି ଚାଷୀ କହିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ, କୃଷି ବିଭାଗକୁ ଆସୁଥିବା ବିହନ କିଛି ନିର୍ଦ୍ଦିଷ୍ଟ ଅଣଚାଷୀଙ୍କୁ ତଞ୍ଚକତା କରି ଦିଆଯାଉଥିବା ବେଳେ ପ୍ରକୃତ ଚାଷୀଙ୍କୁ ଦିଆଯାଉନାହିଁ। କିଛି ଜାଲ୍ କାଗଜପତ୍ର ଓ ଜାଲ ଦସ୍ତଖତ କରି ବିହନ ସବୁ ଖୋଲା ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରଣପୁର କୃଷି ଅଧିକାରିଣୀଙ୍କୁ ଏ ବାବଦରେ ପଚାରିଲେ ସେ ଜାଣିନାହାନ୍ତି ବୋଲି ରୋକ୍‌ଠୋକ୍ କହୁଛନ୍ତି। ପରେ ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କୁ କିଛି ବିହନ ଧରେଇଦେଇ ମନ ବୁଝେଇ କୃଷି ବିଭାଗ ଲୁଟିଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। କାହାସ୍ୱାର୍ଥରେ ଚାଲିଛି ରଣପୁର କୃଷିବିଭାଗ। ଏ ସବୁର ଉଚ୍ଚସ୍ତରୀୟ ତଦନ୍ତ ପାଇଁ କୃଷକ ସଂଘ ଦାବି କରିଛନ୍ତି।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

ଦଶପଲ୍ଲା,୩୧।୧୨(ସମିସ): ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖାର ବୁଧବାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏ ଉତ୍ସବରେ ଡ. ନାରାୟଣ ମହାପାତ୍ର ମୁଖ୍ୟ ଅତିଥି, ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତିବିନୋଦ ସଲ ମୁଖ୍ୟ ବକ୍ତା, ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସାହୁ ସମ୍ମାନିତ ଅତିଥି, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଡ. ବୈଦ୍ୟନାଥ ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ହାଡ଼ିବନ୍ଧୁ ମହାଖୁଡ଼ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ସାହୁ ଉତ୍କଳ ସମ୍ମିଳନୀର କାର୍ଯ୍ୟକାରିତା ସହିତ ଆଗାମୀ ମାସରେ ରାଜ୍ୟର ମହାସମ୍ମିଳନୀ କରିବାକୁ କେନ୍ଦ୍ର କମିଟି ଅନୁରୋଧ କରିଥିବା କଥା ଉପସ୍ଥାପନ କଲେ। ମୁଖ୍ୟ ଅତିଥି ଡ. ନାରାୟଣ ମହାପାତ୍ର ଓଡ଼ିଶା ସରକାରଙ୍କ ନିଷ୍ଠା ଅଭାବ ଆଜି ଆମର ପ୍ରଥମ ସମସ୍ୟା ବୋଲି ମତବ୍ୟକ୍ତ କରିଥିଲେ। ସାରା ଓଡ଼ିଶାରେ ଏକ ନୂଆ ଆନ୍ଦୋଳନ ଆରମ୍ଭ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ।

## ମେଣ୍ଢାଶାଳକୁ ହରାଇ କଟକ ଚାମ୍ପିଅନ

ଗଣିଆ,୩୧।୧୨(ସମିସ): ଗଣିଆ ବ୍ଲକ୍ ବେଲପଡ଼ାପାଟଣାରେ ଥିବା ରଘୁନାଥଜୀଉ କ୍ଲବ୍ ଆନୁକୂଲ୍ୟରେ ୪୮ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ମେଣ୍ଢାଶାଳ ବନାମ କଟକ ବିଏନ୍‌ସିସି ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ୨୦ ଓଭରରେ ୬ଟି ୱିକେଟ ହରାଇ ୩୦୧ ରନ୍ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କଟକ ମୃତ୍ୟୁଞ୍ଜୟ ମାନସିଂହ ୪୫ ବଲରୁ ୧୧୬ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଡ. ଜିତେନ ଜେନା, ଗ୍ରାମ ଉପସଭାପତି ଏବଂ କୋଷାଧ୍ୟକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ। ଚାମ୍ପିଅନ କଟକ ଦଳକୁ ଟ୍ରଫି ସହିତ ନଗଦ ୩୧ ହଜାର ଟଙ୍କା ଏବଂ ରନର୍ସଅପ୍ ମେଣ୍ଢାଶାଳ ଦଳକୁ ଟ୍ରଫି ସହିତ ନଗଦ ୨୧ ହଜାର ଟଙ୍କା ପୁରସ୍କାର ବଣ୍ଟନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିବା ଶ୍ରେଷ୍ଠ ସହଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




## ଦିବ୍ୟାଙ୍ଗଙ୍କ ରାସନ କାର୍ଡ କାଟିଦେଲେ

ଭାପୁର,୩୧।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବଡ଼ସହରା ପଞ୍ଚାୟତ ପାଟଣା ଜାମୁସାହି ଗ୍ରାମର ନିଃସନ୍ତାନ ଦିବ୍ୟାଙ୍ଗ ପ୍ରଭାକର ସାହୁଙ୍କ ୪ଚକିଆ ଗାଡ଼ି ରହିଥିବା ଦର୍ଶାଇ ରାସନକାର୍ଡ କାଟି ଦିଆଯାଇଛି। ଖାଇବା ଓ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ପ୍ରଭାକରଙ୍କ ପରିବାର ପାଇଁ ଚାରିଚକିଆ ଗାଡ଼ି ସ୍ୱପ୍ନ ପାଲଟିଥିବାବେଳେ ସେମାନଙ୍କ ନାମରେ ଚାରିଚକିଆ ଗାଡ଼ି ରହିଥିବା ଦର୍ଶାଇ ତାଙ୍କର ଦୁଇ ମାସ ହେଲା ମାଗଣା ଚାଉଳ ବନ୍ଦ କରି ଦିଆଯାଇଛି। ସଂସାରରେ ସ୍ୱାମୀ-ସ୍ତ୍ରୀ ଛଡ଼ା ଆଉ କେହି ନ ଥିବାବେଳେ ଏହି ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମାସକୁ ମିଳୁଥିବା ୧୦ କେଜି ଚାଉଳ ସେମାନଙ୍କ ବଞ୍ଚିବା ପାଇଁ ରାହା ପାଲଟିଥିଲା। ହେଲେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ଉକ୍ତ ଭିନ୍ନକ୍ଷମ ବୃଦ୍ଧବୃଦ୍ଧା ଏବେ ଭୋକ ଉପାସରେ ରହୁଛନ୍ତି। ଏ ନେଇ ପ୍ରଭାକର ଓ ତାଙ୍କ ସ୍ତ୍ରୀ ଭାପୁରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଫେରାଦ୍ ହୋଇଛନ୍ତି।



### ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

## ଆତ୍ମନିର୍ଭରତା ବିକଶିତ ଭାରତର ମୂଳମନ୍ତ୍ର

ନୟାଗଡ଼,୩୧।୧୨(ସମିସ): ମତ୍ସ୍ୟ ପାଳନ ଓ ଗୋ-ପାଳନ ଗ୍ରାମାଞ୍ଚଳ ସମୃଦ୍ଧିର ଶ୍ରେଷ୍ଠ ପନ୍ଥା। ଚାଷୀର ଆୟ ବହୁଗୁଣିତ କରିବାରେ ମତ୍ସ୍ୟ ଓ ପ୍ରାଣୀ ପାଳନ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସରକାରଙ୍କ ପକ୍ଷରୁ ଏହି କ୍ଷେତ୍ର ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇ ଅନେକ ଯୋଜନା ପ୍ରଣୟନ କରାଯାଉଛି। ପ୍ରତ୍ୟେକ ପରିବାର ଏହି ଚାଷକୁ ପାଥେୟ କରି ଆତ୍ମନିର୍ଭର ହୋଇପାରିଲେ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଷ୍ଟାଡିୟମ୍ ପଡ଼ିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ନୟାଗଡ଼ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ପାଳନ ଦୃଷ୍ଟିରୁ ଏକ ଉନ୍ନତ ଜିଲ୍ଲା। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର ସୁଫଳ ନେଇ ନୟାଗଡ଼ ଜିଲ୍ଲାକୁ ରାଜ୍ୟର ଏକ ନମ୍ବର ଜିଲ୍ଲାରେ ପରିଣତ କରିବାକୁ ସେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ନୟାଗଡ଼ ପୌର ଅଧ୍ୟକ୍ଷା ନିରୁପମା ଖଟୋଇ ଓ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ। ସ୍ୱାଗତ ଭାଷଣ ଦେଇଥିଲେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବସନ୍ତ କୁମାର ବେହେରା ଓ ଧନ୍ୟବାଦ ଦେଇଥିଲେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ। ଏହି ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଦେଢ଼ ହଜାର ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ବିଜ୍ଞାନୀ ଓ ଚାଷୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମତ୍ସ୍ୟ ବିଜ୍ଞାନୀ ଡ. ସୌମେନ୍ଦ୍ର ନନ୍ଦ ଓ ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ଡ. ମଧୁସୂଦନ ସାହୁ।



## ରଘୁନାଥଜୀଉଙ୍କ ଶ୍ରୀରାମ ତାରକ ମହାଯଜ୍ଞ

ଓଡ଼ଗାଁ,୩୧।୧୨(ସମିସ): ଓଡ଼ଗାଁରେ ବିରାଜିତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ୪ ଦିନ ବ୍ୟାପୀ ଶ୍ରୀରାମ ତାରକ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଜୟ ଶ୍ରୀରାମ ସେବା ସମିତି ଆନୁକୂଲ୍ୟରେ ରବିବାର ଅନୁକୂଳ ହୋଇଥିବା ଏହି କାର୍ଯ୍ୟକ୍ରମରେ ରବିବାର ଶୁଭ ଅଙ୍କୁରୋପଣ, ସୋମବାର ଶତାଧିକ ମହିଳା ଓ ପୁରୁଷଙ୍କ କଳସ ଯାତ୍ରା ସହିତ ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ ସହିତ ଆହୁତି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ସକାଳୁ ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା ସହିତ ଆହୁତି ପ୍ରଦାନ କରାଯାଇଥିଲା। ସେହିପରି ବୁଧବାର ଉଦ୍‌ଯାପନୀ ଦିବସରେ ସକାଳୁ ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା ସହିତ ଆହୁତି ଓ ଅପରାହ୍ଣରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଯଜ୍ଞକର୍ତ୍ତା ଭାବେ ସତ୍ୟନାରାୟଣ ନାୟକ ପତ୍ନୀ ବିଶ୍ୱମୋହିନୀ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ, ପଣ୍ଡିତ ଶାନ୍ତନୁ ଦାଶ, ମାଧବ ଆଚାର୍ଯ୍ୟ ଓ ଦୁର୍ଗା ମାଧବ ଷଡ଼ଙ୍ଗୀ ସହିତ ବେଦଜ୍ଞ ପଣ୍ଡିତ ମଣ୍ଡଳୀ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରା, କାର୍ତ୍ତିକ ପଣ୍ଡା, ଶ୍ରୀମନ୍ତ ମହାରଣା, ସୁଶାନ୍ତ ସାହୁ, ବରେନ୍ଦ୍ର ନନ୍ଦ, ଅଚ୍ୟୁତାନନ୍ଦ ପଣ୍ଡା ଓ କବିରାଜ ପଣ୍ଡାଙ୍କ ସମେତ ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନା ଦାବି

## ଜୋର୍‌ଦାର୍ ଆନ୍ଦୋଳନ ପାଇଁ ପ୍ରମୁଖ ସଂଗଠନ ସଜବାଜ

ନୟାଗଡ଼,୩୧।୧୨(ସମିସ): ତୁରନ୍ତ ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କରନ୍ତୁ ସରକାର। ନତୁବା ନୟାଗଡ଼ ଜିଲ୍ଲାବାସୀଙ୍କ ପକ୍ଷରୁ ଜୋର୍‌ଦାର୍ ଆନ୍ଦୋଳନ ପାଇଁ ପ୍ରମୁଖ ସଂଗଠନଗୁଡ଼ିକ ସଜବାଜ ହେଉଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସହ ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲା ପାଇଁ ସରକାରଙ୍କ ବୈମାତୃକ ମନୋଭାବ ଚଳିବ ନାହିଁ ବୋଲି ସଂଗଠନ ମୁଖିଆମାନେ କହିବା ଆରମ୍ଭ କରିଛନ୍ତି। ଦଳମତ ନିର୍ବିଶେଷରେ ମେଡିକାଲ କଲେଜ ସ୍ଥାପନ ଦାବି କରି ଅନେକ ବୁଦ୍ଧିଜୀବୀ ଆଗକୁ ଆସୁଥିବାବେଳେ ସରକାରଙ୍କ ନିରବତା ଭାଙ୍ଗିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ଦାବିରେ ଆସନ୍ତା ୨ ତାରିଖରେ ନୟାଗଡ଼ ଜିଲ୍ଲା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯିବ। ଏହି ଶୋଭାଯାତ୍ରାରେ ଶହଶହ ଲୋକ ସାମିଲ୍ ହେବେ ବୋଲି ସୂଚନା ମିଳିଛି। ବରିଷ୍ଠ ନାଗରିକ ଗୋଦାବରିଶ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଇଛି। ନୟାଗଡ଼ ରୋଟାରୀ କ୍ଲବ୍, ବଣିକ ସଂଘ, ଘରୋଇ ବସ୍ ମାଲିକ ସଂଘ, ବଣିକ ସଂଘ, ଇନରହ୍ୱିଲ୍ କ୍ଲବ୍, ସାମ୍ବାଦିକ ଭବନ, ଡ୍ରାଇଭର ସଂଘ, ଟ୍ୟାକ୍ସି ଡ୍ରାଇଭର ଆସୋସିଏସନଠାରୁ ଆରମ୍ଭ କରି ଅନେକ ସଂଘ ଏହି ଶୋଭାଯାତ୍ରାରେ ସାମିଲ୍ ହେବେ ବୋଲି ସୂଚନା ମିଳିଛି। ନୟାଗଡ଼ ବ୍ୟତୀତ ଜିଲ୍ଲାର ଅନ୍ୟ ୬ଟି ବ୍ଲକ୍ ଯଥା ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା, ଗଣିଆ, ଖଣ୍ଡପଡ଼ା, ଭାପୁର ବ୍ଲକ୍‌ର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବା ପାଇଁ ଯୋଜନା କରାଯାଇଛି। ଶାନ୍ତି ଶୃଙ୍ଖଳା ସହ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ ବୋଲି ଆବାହକ କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ଅଟୋ ସେବା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଜୟ ନୟାଗଡ଼ ଫାଉଣ୍ଡେସନର ଆହ୍ୱାନ କ୍ରମେ ବୁଧବାର ମା' ଚକ୍ରବାଉତି ଅଟୋ ସେବାସଙ୍ଘ ତରଫରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୟାଗଡ଼ ତହସିଲ୍‌ଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଟୋ ସେବା ସଂଘର ସଭାପତି ମାନସ ରଞ୍ଜନ ଷଣ୍ଢ, ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ସୁଶାନ୍ତ ସାହୁ ପ୍ରମୁଖଙ୍କ ସମେତ ଜୟ ନୟାଗଡ଼ ଫାଉଣ୍ଡେସନର ପ୍ରତିଷ୍ଠାତା ଶେଖ୍ ଅବ୍‌ଦୁଲ ଆହାଦ, ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଛାତ୍ର ସଂଗଠକ ଜୀବନ ଜ୍ୟୋତିପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ରହି ନୟାଗଡ଼ ତହସିଲ୍‌ଦାର ରାଜେଶ କେଶରୀ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜୟ ନୟାଗଡ଼ ଫାଉଣ୍ଡେସନ ଓ ନୟାଗଡ଼ବାସୀଙ୍କ ଆହ୍ୱାନରେ ନୟାଗଡ଼ର ଗୋଟିଏ ପରେ ଗୋଟିଏ ସଂଘ, କ୍ଲବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାର ଲକ୍ଷ୍ୟ ରହିଛି ବୋଲି ପ୍ରତିଷ୍ଠାତା ଶେଖ୍ ଅବ୍‌ଦୁଲ ଆହାଦ ସୂଚନା ଦେଇଛନ୍ତି।

### ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

## ସମ୍ବଲପୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ



ଖଣ୍ଡପଡ଼ା,୩୧।୧୨(ସମିସ): ଖଣ୍ଡପଡ଼ା "କଳା ବିକାଶ ପରିଷଦ' ଆନୁକୂଲ୍ୟରେ ଆୟୋଜିତ ୧୦ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କଳା ସଂସ୍କୃତି ବିଭାଗର ଭଜନ କାର୍ଯ୍ୟକ୍ରମ, ରକ୍‌ଷ୍ଟାର୍ ଡ୍ୟାନ୍ସ ଗ୍ରୁପ୍ ନୟାଗଡ଼ର ଆଧୁନିକ ନୃତ୍ୟ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖୁବ୍ ସୁନ୍ଦର ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଏତଦ୍‌ବ୍ୟତୀତ ଓଁ ସାଇ ଇଣ୍ଟରନ୍ୟାସ୍‌ନାଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମହୋତ୍ସବର ମୁଖ୍ୟ ଆକର୍ଷଣ 'ଖଣ୍ଡପଡ଼ା ମହୋତ୍ସବ ବନ୍ଦନା'ରେ ସୁନ୍ଦର ଅଭିନୟ ଓ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଘୋଷକ ପରମେଶ୍ୱର ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ସନ୍ଧ୍ୟା ସାଢ଼େ ୭ଟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଛାତ୍ରୀ ଶୋଭନା ଶୁଭ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ମହୋତ୍ସବ ଅଧ୍ୟକ୍ଷ ତଥା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବର ସଫଳତା ନେଇ ଖୁସିବ୍ୟକ୍ତ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍ ରୋଜିନା ଦାସ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ମଞ୍ଚାସିନ ରହି ମହୋତ୍ସବର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ଶୋଭନା ଶୁଭ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ଓଡ଼ିଶା ପ୍ରସିଦ୍ଧ ମା' ସମଲେଶ୍ୱରୀ ଅର୍କେଷ୍ଟ୍ରା ସମ୍ବଲପୁରର କଳାକାରମାନେ ନୃତ୍ୟ ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ମହୋତ୍ସବ ପାଞ୍ଚଦିନବ୍ୟାପୀ ଶାନ୍ତି ଶୃଙ୍ଖଳା ସହ ସମାପ୍ତ ହୋଇଥିବାବେଳେ ବିଭିନ୍ନ ଦୋକାନୀମାନେ ଆଶାନୁରୂପ ବ୍ୟବସାୟ କରିଥିବା ଜଣାପଡ଼ିଛି। ଅନୁଷ୍ଠାନର ସମ୍ପାଦକ ରାମ ପ୍ରସାଦ ରଥ, ଉପ ସମ୍ପାଦକ ଚିନ୍ତାମଣି ମହାରଣା, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ଦାସ, ସନ୍ତୋଷ ସିଂଙ୍କ ସମେତ ପଚାଶରୁ ଊର୍ଦ୍ଧ୍ୱ ସଭ୍ୟ ମହୋତ୍ସବରେ ସକ୍ରିୟ ସହଯୋଗ କରିଥିବା ଜଣାଯାଇଛି।


















### ଇଂରାଜୀ ନୂଆବର୍ଷ ପାଳନ

# ସାବଧାନତା ଓ ପ୍ରତିଷେଧକ ନିୟମ ଜାରି କଲା ଜିଲ୍ଲା ପ୍ରଶାସନ

**ଖୋର୍ଦ୍ଧା, ୩୧।୧୨(ସମିସ)**

ବିଦାୟ ନେଲା ୨୦୨୫ ବର୍ଷ। ଆସନ୍ତା କାଲି (ଗୁରୁବାର) ର ସକାଳ ନୂତନ ବର୍ଷ ୨୦୨୬ ର ନୂଆ ସୂର୍ଯ୍ୟକିରଣ ନେଇ ଆସିବ। ତେବେ ଇଂରାଜୀ ନବବର୍ଷ ପାଳନ ଉପଲକ୍ଷେ ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସାବଧାନତା ଓ ପତିଶେଧକ ନିୟମ ଜାରୀ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଆଜି ଏକ ଆଭାସି ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ସମସ୍ତ ବିଡିଓ, ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀମାନଙ୍କ ସହ ସାବଧାନତା ଓ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସମ୍ବନ୍ଧରେ ସମସ୍ତ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଅଧୀନ ସେବା ଲୋକମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୁଧବାର ରାତି ବାରଟା ପରଠାରୁ ଗୁରୁବାର ସମଗ୍ର ଜିଲ୍ଲାରେ ପାଳନ ଉପଲକ୍ଷେ ଲୋକମାନେ ବଣଭୋଜି କରିବା, ବିଭିନ୍ନ ସ୍ଥାନକୁ ବୁଲିଯିବା ଆଦି କାର୍ଯ୍ୟକ୍ରମକୁ ତଥା ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ଆଖି ଆଗରେ ରଖି ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ଯଥା ନଦୀ ଘାଟ, ମନ୍ଦିର, ଝରଣା, ଜଳପ୍ରପାତ ବୁଧବାର ଏବଂ ଗୁରୁବାର ନିମନ୍ତେ ଉକ୍ତ ସ୍ଥାନମାନଙ୍କରେ ସ୍ୱଚ୍ଛତା ଓ ସୁସ୍ଥ ପରିମଳ ବଜାୟ ରଖିବାକୁ ସମସ୍ତ ବିଡିଓ ନିଜନିଜ ଅଧୀନ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆବଶ୍ୟକତା ଅନୁଯାୟୀ ଅଧିକ ପୁଲିସ ମୁତୟନ୍ କରି ଶିଶୁ ଓ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ କରିବା, ଟ୍ରାଫିକ ନିୟନ୍ତ୍ରଣ କରିବା, ବିଭିନ୍ନ ମନ୍ଦିର ଓ ଜନଗହଳିପୂର୍ଣ୍ଣ ତୀର୍ଥ ସ୍ଥାନ ଓ ଗହଳି ସ୍ଥାନ ମାନଙ୍କରେ ସ୍ଥାନୀୟ କମିଟି ମାନଙ୍କ ସହ ସମନ୍ୱୟ ରକ୍ଷା କରି ସେଗୁଡିକୁ ସୁଚାରୁରୂପେ ପରିଚାଳନା କରିବା, ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ତଥା ସିସିଟିଭି ଲଗାଇବା ଆଦି କାର୍ଯ୍ୟ ନିର୍ବାହ କରିବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ସେହିପରି ବେଆଇନ ଭାବେ ମଦ ଓ ମାଦକ ଦ୍ରବ୍ୟ ସର୍ବସାଧାରଣ ସ୍ଥାନରେ ବିକ୍ରି ଏବଂ ବ୍ୟବହାରକୁ ବନ୍ଦ କରାଯାଇଛି। ବିଭିନ୍ନ ଜନଗହଳି ତୀର୍ଥ ଓ ପର୍ଯ୍ୟଟନ ସ୍ଥଳୀ ରେ ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀମାନେ ଦାୟିତ୍ୱ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଜଳପ୍ରପାତ ସ୍ଥାନ ମାନଙ୍କରେ ଅଗ୍ନିଶମ ସେବା ଅଧିକାରୀ ଓ କର୍ମଚାରୀ ଯେ କୌଣସି ଅଘଟଣ ରୋକିବାକୁ ସଜାଗ ରହିବାକୁ କୁହାଯାଇଛି। ସାଗର ମିତ୍ର ଓ ଜୀବନ ରକ୍ଷା କାରୀ ଗାର୍ଡ ମାନଙ୍କୁ ଜଳ ପ୍ରପାତ ଥିବା ବଣଭୋଜି ସ୍ଥାନରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସାମାଜିକ ସେବା ସ୍ୱେଚ୍ଛାସେବୀ ଆପଦ ମିତ୍ରଙ୍କୁ ନିୟୋଜିତ ହୋଇଛନ୍ତି। ଯାନବାହନ ରହଣିସ୍ଥଳୀ ନିର୍ଦ୍ଧାରଣ ପାଇଁ ତହସିଲଦାର ମାନେ ଜାଗା ନିରୂପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବୋପରି ନୂତନ ବର୍ଷ ପାଳନରେ ସମସ୍ତ ଜନସାଧାରଣ ସାଙ୍ଗରେ ଆଣିଥିବା ମହିଳା, ଛୋଟ ପିଲା, ବୃଦ୍ଧ ବୃଦ୍ଧା ସମସ୍ତଙ୍କ ଯତ୍ନ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଆଜିର ବୈଠକରେ ଆଭାସିରେ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ (ଭୁବନେଶ୍ୱର) ଡ. ମନୋରଞ୍ଜନ ସାହୁ, ଡେପୁଟୀ କଲେକ୍ଟର (ଜରୁରୀ) ଶ୍ରୀତପା ମିଶ୍ର, ସମସ୍ତ ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ




**ଖୋର୍ଦ୍ଧା,୩୧।୧୨(ସମିସ):** ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ସମ୍ମିଳନୀର ୧୨୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ତୈଳଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଭାପତି ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ କମିଟିର ଉପସଭାପତି ଡ. ବିମଳ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ମନୋଭାବ କାରଣରୁ ଭାଷାର ସେଭଳି କିଛି ଉନ୍ନତି ହେଉନାହିଁ। ତେଣୁ ରାଜ୍ୟର ସମସ୍ତ ସରକାରୀ ଦପ୍ତରରେ ଓଡିଆ ଭାଷାରେ ଚିଠିପତ୍ର ଆଦାନ ପ୍ରଦାନ ଲାଗି ଦାବି କରିଥିଲେ। ସମ୍ମାନିତ ଅତିଥିଭାବେ ସାହିତ୍ୟିକ ସତ୍ୟବାଦୀ ବଳିୟାରସିଂହ ଓଡିଆ ଭାଷାର ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ ଖୋର୍ଦ୍ଧା ଜିଲ୍ଲା ଶାଖାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟିକ ବୈକୁଣ୍ଠ ନାଥ ରାଜଗୁରୁ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଭାଷା ଶିକ୍ଷାଦାନର ସମସ୍ୟା, କବି ଗୋବିନ୍ଦ ଚନ୍ଦ୍ର ମହାରଣା ଉତ୍କଳ ସମ୍ମିଳନୀର ବର୍ତ୍ତମାନର ସମସ୍ୟା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଓଡିଶା ଭିତରେ ଓଡିଆ ଭାଷାର ମାନ ହ୍ରାସ, ଅଧିବକ୍ତା ସାବିତ୍ରୀ ମିଶ୍ର ଅଦାଲତରେ ଓଡିଆ ଭାଷା କାର୍ଯ୍ୟକାରୀତାର ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଶାନ୍ତିଲତା ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟ ମାନବ ନିର୍ମାଣ ଶିବିର ଉଦ୍‌ଯାପିତ

**ବେଗୁନିଆ, ୩୧।୧୨(ସମିସ):** ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପରିଛଳ ଗ୍ରାମ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ଷଷ୍ଠ ବାର୍ଷିକ ଦିବ୍ୟ ମାନବ ନିର୍ମାଣ ଶିବିର ଉଦଯାପିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତା ଓ ନିରଦ ଚରଣ ଖୁଣ୍ଟିଆଙ୍କ ସଂଯୋଜନାରେ ସ୍ୱାମୀ ମୁକ୍ତାନନ୍ଦ ଜୀ ମୁଖ୍ୟ ଅତିଥି, ସ୍ୱାମୀ ଶାନ୍ତାନନ୍ଦ ଜି ମୁଖ୍ୟବକ୍ତା, ସ୍ୱତନ୍ତ୍ର ଅତିଥି ଅଜୟ ନାୟକ, ସମୀର ଦଳେଇ, ସହକାରୀ କମିଶନର ସମୀର ଦଳେଇ ଓ ବିଜୟ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିପଥଗାମୀ ସମାଜକୁ ପରିବର୍ତ୍ତନ ପାଇଁ ଯୁବପିଢ଼ି ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ୨୮ଟି ଜିଲ୍ଲାର ୫୦ରୁ ଅଧିକ ଶିବିରାର୍ଥି ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷ ଜଗଦୀଶ ରେଡ୍ଡୀ, ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ, ଗୁରୁ ଗୋପାଳକୃଷ୍ଣ ସାଧକ, ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ୍ ୫ରୁ

**ଟାଙ୍ଗୀ, ୩୧।୧୨(ସମିସ) :** ଆସନ୍ତା ୫ ତାରିଖରୁ ଟାଙ୍ଗୀ ଚିଲିକା ଷ୍ଟାଡିୟମ୍‌ରେ ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୧୧ ତାରିଖ ରେ ଶେଷ ହେବ। ଏଥିରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମଣିପୁର, ବିହାର ବିଭିନ୍ନ ରାଜ୍ୟ ଓଡିଶା ର କଟକ ସମେତ ବିଭିନ୍ନ ଅଞ୍ଚଳରୁ ପ୍ରତିଷ୍ଠିତ ଫୁଟବଲ୍ ଟିମ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୩୧।୧୨(ସମିସ):** ସ୍ଥାନୀୟ ଜେଲ୍ ରୋଡସ୍ଥିତ ଶ୍ୟାମ ମାଧବ ବାସନ୍ତୀ ଦେବୀ ସ୍ମୃତି ପାଠାଗାରଠାରେ ଆଦର୍ଶ ଶିକ୍ଷକ ପ୍ରସନ୍ନ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ଶ୍ରୀ ମହାପାତ୍ରଙ୍କ ଗୁରୁ ଶିକ୍ଷାବିତ୍ ତଥା ସାହିତ୍ୟିକ ବୈକୁଣ୍ଠ ନାଥ ରାଜଗୁରୁଙ୍କୁ ପ୍ରଥମେ ବିଦାୟୀ ଶିକ୍ଷକଙ୍କ ଦ୍ୱାରା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଭାବେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରକାଶ ପାଇଥିବା ଅଭିନନ୍ଦନିକା 'ପ୍ରଶସ୍ୟ ପ୍ରସନ୍ନ' ଉନ୍ମୋଚନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଡ. ଅମୀୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଗୌରହରି ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଆରସିସି ସତ୍ୟବାନ ଶ୍ରୀଚନ୍ଦନ, ଖୋର୍ଦ୍ଧା ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୁଧାକର ମହାପାତ୍ର, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରାଜ୍ୟସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ ପ୍ରମୁଖ ଯୋଗଦେଇ ଶ୍ରୀ ମହାପାତ୍ର ଜଣେ ସରଳ, ମେଳାପୀ, ଛାତ୍ରବତ୍ସଳ ଓ ସ୍ନେହୀ ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ। ଶିକ୍ଷକ ମହାସଂଘର ସଂଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ସଂଘର ସମ୍ପାଦକ ଦେବରାଜ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## କଂଗ୍ରେସର ସାଂଗଠନିକ ବୈଠକ

**ବେଗୁନିଆ, ୩୧।୧୨(ସମିସ):** ବେଗୁନିଆ ବ୍ଲକ ସିମୋର୍ ପଞ୍ଚାୟତ ଗଁପୁର ଗ୍ରାମସ୍ଥିତ ଗାନ୍ଧୀ ପାର୍କରେ କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି କାଳନ୍ଦୀ ଚରଣ ମହାପାତ୍ରଙ୍କ ଅଧକ୍ଷତାରେ କଂଗ୍ରେସ ଦଳର ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦଙ୍କ ସମେତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଆଗାମୀ ଦିନରେ ଦଳକୁ କିଭଳି ଭାବରେ ତୃଣମୂଳ ସ୍ତରରେ ଜନସାଧାରଣଙ୍କୁ ଜାଗ୍ରତ କରିବା ସହ ସୁଦୃଢ଼ କରାଯିବ ବୋଲି ଆଲୋଚନା ହୋଇଥିଲା।

### ● ପୁଲିସ ଓ ଅବକାରୀ ମିଳିତ ଚଢ଼ଉ

## ବିପୁଳ ଦେଶୀ ମଦ ଜବତ



**ବାଣପୁର,୩୧।୧୨(ସମିସ):** ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାରକୁ ରୋକିବା ନିମନ୍ତେ ପୁଲିସ ଓ ଅବକାରୀ ବିଭାଗ ତତ୍ପରତା ଦେଖାଇ ବିଭିନ୍ନ ସମୟରେ ଚଢ଼ଉ କରି ମଦ ଜବତ କରିବା ସହ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରୁଛନ୍ତି। ହେଲେ ଆଇନର ଗଳାବଟ ଦେଇ ଅଭିଯୁକ୍ତମାନେ ଖସି ଆସି ପୁଣି ବେଆଇନ ମଦ କାରବାରରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ବାଣପୁର ଥାନ ଅଧିକାରୀ ରମେଶ ଦେବତା ପୁଲିସ ଫୋର୍ସ ସହ ଟାଙ୍ଗୀ ରେଞ୍ଜ ଅବକାରୀ ବିଭାଗ ଓ ବାଲୁଗାଁ ଅବକାରୀ ବିଭାଗର କର୍ମଚାରୀମାନେ ମିଳିତ ଭାବେ ବୁଧବାର ବାଣପୁର ଥାନା ଆଦିବାସୀ ଅଧ୍ୟୁଷିତ ମାଳ କେସରଡା ଗ୍ରାମ ଓ ବିରଜାଇ ପାଶ୍ୱର୍ ଜଙ୍ଗଲ ଅଞ୍ଚଳର ଦେଶୀ ମଦ ଭାଟି ଉପରେ ଚଢ଼ଉ କରି ମହୁଲି ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ୧୧ହଜାର କେଜି ମହୁଲି ପୋଚ ସହ ୧୫ ଶହ ଲିଟର ଦେଶୀ ମହୁଲି ମଦ ଜବତ କରି ସେସବୁକୁ ନଷ୍ଟ କରାଯାଇଥିବା ବେଳେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଛନ୍ତି।







## ବିନା ଫାର୍ମାସିଷ୍ଟରେ ଚାଲିଛି ଔଷଧ ଦୋକାନ

**ବାଲୁଗାଁ, ୩୧।୧୨(ସମିସ) :** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ସମଗ୍ର ବାଣପୁର-ବାଲୁଗାଁ ଓ ଏହାର ଆଖପାଖ ଛୋଟ ଛୋଟ ବଜାରରେ ଛତୁ ଫୁଟିଲା ପରି ଓøଷଧ ଦୋକାନ ମାନ ଖୋଲିଛି। ହେଲେ ଡ୍ରଗ୍ ଲାଇସେନ୍ସ ନ ଥାଇ ଓ ବିନା ଫାର୍ମାସିଷ୍ଟରେ ଦୀର୍ଘ ବର୍ଷ ବର୍ଷ ଧରି ଔଷଧ ଦୋକାନ ମାନ ଖୋଲି ନକଲି ଔଷଧ ରଖି ବିକ୍ରି କରି ଲୋକଙ୍କୁ ଶୋଷଣ କରୁଛନ୍ତି। ନିମ୍ନମାନର ଔଷଧ ଓ ନକଲି ଔଷଧରେ ୭୦ ପ୍ରତିଶତ ଲାଭ ହେଉଥିବାରୁ ଏବଂ ଔଷଧ ଦୋକାନୀକୁ ପ୍ରାୟ ୨ଗୁଣ ଲାଭ ମିଳୁ ଥିବାରୁ ବାଣପୁର-ବାଲୁଗାଁ ଅଞ୍ଚଳରେ ଖୋଲିଥିବା ମେଡ଼ିସିନ ହୋଲସେଲ ଦୋକାନୀ ନିମ୍ନ ମାନର ଔଷଧ ଓ ନକଲି ଔଷଧ ଆଣି ଖୁଚୁରା ଔଷଧ ଦୋକାନୀମାନଙ୍କୁ ଯୋଗାଉଥିବା ବେଳେ ଔଷଧ ଦୋକାନୀ ନକଲି ଔଷଧ ଆଣି ବେପାର କରି ପ୍ରଚୁର ଲାଭବାନ ହେଉଛନ୍ତି। ଏଥିପ୍ରତି ଡ୍ରଗ୍ ନିରୀକ୍ଷକ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ମେଡ଼ିକାଲ ଅଫିସର ମାସିକ ଚାନ୍ଦା ନେଇ ନୀରବ ରହୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ନୂଆ ବର୍ଷରେ ଫୁଲ ନୁହେଁ; ଗଛ ଉପହାର ଦିଅ'

**ନିରାକାରପୁର, ୩୧।୧୨ (ସମିସ):** ଇଂରାଜୀ ନୂଆବର୍ଷରେ ଫୁଲ ନୁହେଁ ଗଛ ଟିଏ ଉପହାର ଦେବା ସହ, ଗଛଟିଏ ଲଗାଇବାକୁ ପ୍ରେରଣା ଗ୍ରୀନଆର୍ମି ପ୍ରତିଷ୍ଠାତା ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଏକ ପ୍ରେସ ଇସ୍ତାହାରରେ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ପରିବେଶ ପ୍ରଦୂଷିତ ହୋଇ ସାରିଲାଣି। ଯାହାର ପ୍ରଭାବ ଆମେ ସମସ୍ତେ ଉପଲବ୍ଧି କରୁଛେ। ବିଶେଷଭାବେ ବାୟୁ ପ୍ରଦୂଷଣର ମାତ୍ରା ଏପରି ସ୍ଥାନରେ ପହଂଚିଲାଣି ଯେ ଆମେ ସକାଳର ସୂର୍ଯ୍ୟଙ୍କୁ ଦେଖି ପାରୁନେ। ସକାଳେ ଗାଡି ମୋଟର ଚଳାଇବା ସମ୍ଭବ ହେଉନି ଓ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ବାୟୁ ମଣ୍ଡଳରେ ଧୂଳିକଣାର ମାତ୍ରା ଏପରି ବଢି ଯାଇଛି ଯେ ଥଣ୍ଡା ଜର ଆଦି ଲୋକଙ୍କୁ ଆକ୍ରାନ୍ତ କଲାଣି. ବିଶେଷତଃ ଛୋଟ ପିଲା ମାନଙ୍କ ଅବସ୍ଥା କହିଲେ ନ ସରେ। ଏପରି ସ୍ଥଳେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ନୂଆବର୍ଷରେ ଗଛ ଟିଏ ଲଗାଇବା ସହ ଗଛଟିଏ ଉପହାର ଦେଇ ପରିବେଶ ସୁରକ୍ଷାରେ ଅଂଶୀଦାର ହେବାକୁ ଡ. ଶ୍ରୀଚନ୍ଦନ ଅନୁରୋଧ କରିଛନ୍ତି।



